# ମକାଚାଷୀଙ୍କୁ ଧକ୍କା

ବିହନ ବୁଣିବା ସମୟରେ ହେଲାନି ବର୍ଷା। ଶୁଖିଲା ଜମିରେ ଉଠିଲାନି ଗଛ। ଉଠିଥିବା ଗଛ ବଞ୍ଚାଇବାକୁ ଚାଷୀଙ୍କୁ କରିବାକୁ ପଡ଼ିଲା ସଂଘର୍ଷ। ଏବେ ମକା ଫଳି ଉତ୍ପାଦନ ହେବା ସମୟରେ ଦାଉ ସାଧୁଛି ଲଘୁଚାପ ବର୍ଷା। ବର୍ଷାମାଡ଼ ଖାଇ ନଇଁପଡ଼ିଛି ଗଛ। ପ୍ରଭାବିତ ହୋଇଛି ୫୦ ଏକର ଜମିର ଫସଲ। ଅନିୟମିତ ବୃଷ୍ଟିପାତ ମକାଚାଷୀଙ୍କୁ ଧକ୍କା ଦେଇଥିବାବେଳେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି କାମାକ୍ଷାନଗର ବ୍ଲକର ଶତାଧିକ ଚାଷୀ।

ସୁଧୀର କୁମାର ପରିଡ଼ା
କାମାକ୍ଷାନଗର, ୨୧।୯

- ଦାଉ ସାଧିଲା ଅନିୟମିତ ବର୍ଷା
- ୫୦ ଏକର ଜମିରେ ଫସଲ ପ୍ରଭାବିତ
- ବଜାର ସୁବିଧା ନାହିଁ, ଲୁଟୁଛନ୍ତି ବେପାରୀ



ଅର୍ଥକରୀ ଫସଲ ମକା ଚାଷ ପାଇଁ ଢେଙ୍କାନାଳର ଥଣ୍ଡା ଜଳବାୟୁ ଉପକାରୀ ସାବ୍ୟସ୍ତ ହୋଇଛି। ବିଶେଷକରି କାମାକ୍ଷାନଗର ବ୍ଲକରେ ଗତକିଛି ବର୍ଷ ହେଲା ମିଠା ମକା (ସୁଇଟ୍ କର୍ନ) ଚାଷ କରି ଭାଗ୍ୟ ବଦଳାଇବାକୁ ଉଦ୍ୟମ ଜାରି ରଖିଛନ୍ତି ଚାଷୀ। ହେଲେ ଅନିୟମିତ ଜଳବାୟୁ ସେମାନଙ୍କ ସାଥ୍ ଦେଉନି। ସେହିପରି କୃଷି ବିଭାଗ ପକ୍ଷରୁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ, ରୋଗୋପୋକ ଦମନ ପାଇଁ ପରାମର୍ଶ ମିଳୁ ନ ଥିବାରୁ ହତାଶ ହୋଇପଡୁଛନ୍ତି ଚାଷୀ। ସର୍ବୋପରି ଉତ୍ପାଦିତ ଫସଲ ବିକ୍ରି ପାଇଁ ବଜାର ସୁବିଧା ନ ଥିବାରୁ ଅସହାୟ ଅବସ୍ଥାରେ କେବେ ରାସ୍ତା କଡ଼ରେ ତ କେବେ ଶାଗମାଛ ଦରରେ ବାହାର ବେପାରୀଙ୍କୁ ମକା ବିକ୍ରି କରିବାକୁ ବାଧ ହେଉଛନ୍ତି ସେମାନେ।

ବ୍ଲକ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କାମାକ୍ଷାନଗର ବ୍ଲକର କୁସୁମଯୋଡ଼ି ପଞ୍ଚାୟତର ଆଲୁଅଝରଣ, ମରିଚାକଣ, ମହୁଲପାଳ ପଞ୍ଚାୟତର ବିଜାଡ଼ିହ, କଦଳୀପାଳ, କାନପୁରା ପଞ୍ଚାୟତର ଗୁଣ୍ଡିଚାନାଳୀ, ବାଉଁଶପାଳ ପଞ୍ଚାୟତର ଚୁଳିଆ, ଟାସିଁରି, ମାଝିସାହି ଆଦି ଗ୍ରାମରେ ଅନୁକୂଳ ଜଳବାୟୁ ପାଇଁ ବର୍ଷକୁ ଦୁଇଥର ମକା ଚାଷ କରାଯାଉଛି। ଏହି ସବୁ ସ୍ଥାନରେ ପ୍ରାୟ ୫୦ ଏକର ଜମିରେ ଉଭୟ ସୁଇଟ କର୍ନ ଏବଂ ସାଧାରଣ ମକା ହେଉଛି। ଚାଷୀମାନେ ଖରିଫ୍ ଋତୁରେ ମୌସୁମୀ ବର୍ଷା ଏବଂ ରବି ଋତୁରେ ପୋଖରୀ, ଗାଡ଼ିଆ, ଉଠାସେଚ ପ୍ରକଳ୍ପ ମାଧ୍ୟମରେ ଜଳସେଚନ କରି ଫସଲ ଅମଳ କରିଥାଆନ୍ତି। ତେବେ ଚଳିତ ବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ ଚାଷୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଛି। ଚାଷ ଆରମ୍ଭ ଅର୍ଥାତ୍ ବିହନ ବୁଣିବା ସମୟରେ ବର୍ଷା ନ ହେବାରୁ ଆବଶ୍ୟକ ସଂଖ୍ୟକ ଗଛ ଉଠିଲାନାହିଁ। ଜଳାଭାବରୁ ବଞ୍ଚିଥିବା ଗଛ ହୃଷ୍ଟପୁଷ୍ଟ ହେଲାନାହିଁ। ଅମଳ ସମୟରେ ଲଘୁଚାପଜନିତ ଲଗାଣ ବର୍ଷା ଦାଉ ସାଧୁଛି। ଝଡ଼ିବର୍ଷା ଏବଂ ପବନରେ ଅଧିକାଂଶ ଜମିରେ ଫଳନ୍ତି ମକା ଗଛ ନଇଁ ଯାଇଛି। ଆଗକୁ ଆହୁରି ବର୍ଷା ଆଶଙ୍କା ଥିବାରୁ ଚାଷରେ ଖର୍ଚ୍ଚ କରିଥିବା ଟଙ୍କା କିପରି ଉଠିବ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଅପରପକ୍ଷେ ମକା ଚାଷକୁ କୃଷି ବିଭାଗ ଆବଶ୍ୟକ ଗୁରୁତ୍ୱ ଦେଉ ନ ଥିବା କେତେଜଣ ଚାଷୀ ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବା କଥା, ମକା ଚାଷ କରିବାକୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ରହିଛି। ଯୁବଚାଷୀମାନେ ଏହା ଦ୍ୱାରା ଭଲ ଦି ପଇସା ରୋଜଗାର କରିବାକୁ ଚାହୁଁଛନ୍ତି। ହେଲେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ଜ୍ଞାନକୌଶଳ ଏବଂ ପ୍ରୋତ୍ସାହନ ମିଳୁନାହିଁ। ଅଧିକାରୀମାନେ କାଁ ଭାଁ ପରିଦର୍ଶନରେ ଆସୁଥିବାବେଳେ ସେମାନଙ୍କ ପରିଦର୍ଶନ କୃଷକ ସାଥୀଙ୍କ ପାଖରେ ସୀମିତ ରହୁଛି। ଫଳରେ ଚାଷରେ ଥିବା ପ୍ରକୃତ ସମସ୍ୟା ଜଣାପଡୁନାହିଁ। ଚାଷୀମାନେ ଥରେ ଦି ଥର ଚାଷ କରିବା ପରେ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପଟେ ବ୍ଲକରେ ମକା ବିକ୍ରି କରିବା ଲାଗି ଆବଶ୍ୟକ ବଜାର ସୁବିଧା ନାହିଁ। ତେଣୁ କଟକ, ଭୁବନେଶ୍ୱର ଏବଂ ପୁରୀର ବ୍ୟବସାୟୀ ଆସି ଶାଗମାଛ ଦରରେ ମକା ନେଇଯାଉଛନ୍ତି। ବିକଳ୍ପ ନ ଥିବାରୁ ସୁଇଟ୍ କର୍ନ ଗୋଟାକୁ ୫ରୁ ୭ ଟଙ୍କା ଏବଂ ସାଧାରଣ ମକା ୨ରୁ ୩ ଟଙ୍କା ଦରରେ ବିକ୍ରି କରୁଛନ୍ତି। ଖର୍ଚ୍ଚ ଉଠାଇବାକୁ ଅନେକ ଚାଷୀ ଖରା, ବର୍ଷା, ଶୀତ କାକରରେ ରାସ୍ତାକଡ଼ରେ ବସି ମକା ବିକିବାକୁ ବାଧ ହେଉଛନ୍ତି।

### ଅସହଯୋଗ କରୁଛି କୃଷି ବିଭାଗ



"ମକାଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନାହିଁ। ଅଧିକ ଅମଳକ୍ଷମ ବିହନ, କୀଟନାଶକ ପ୍ରୟୋଗ ସମ୍ପର୍କରେ ସଚେତନ କରିବାକୁ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। କୃଷି ଅଧିକାରୀ ଏବଂ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ସମସ୍ୟାର ସମାଧାନ ହୋଇପାରିବ।

-ରତ୍ନାକର ବିଶ୍ୱାଳ, ମକାଚାଷୀ, ମରିଚାକଣ

### ମକା ପାକଳ ହୋଇ ଶୁଖିଗଲାଣି



"ହାତରୁ ଟଙ୍କା ଖର୍ଚ୍ଚ କରି ଚଳିତ ବର୍ଷ ୨ ଏକର ଜମିରେ ମକା ଲଗାଇଥିଲି। ହେଲେ ବଜାର ସୁବିଧା ନ ଥିବାରୁ ଅଦରରେ ବିକ୍ରି କରିବାକୁ ସାହସ ହେଉନାହିଁ। ଜମିରେ ମକା ପାକଳ ହୋଇ ଶୁଖିଗଲାଣି। ସରକାର ମଣ୍ଡି ବ୍ୟବସ୍ଥା କଲେ ଅଞ୍ଚଳର ଶତାଧିକ ଚାଷୀ ଉପକୃତ ହୋଇପାରନ୍ତେ।

-ଉଗ୍ରସେନ ସାହୁ, ମକାଚାଷୀ, ମରିଚାକଣ

### ଚାହିଦା ଅଛି, ବଜାର ନାହିଁ



"କାମାକ୍ଷାନଗର ଅଞ୍ଚଳର ଉତ୍ପାଦନ ହେଉଥିବା ମକାର ଚାହିଦା ରହିଛି କିନ୍ତୁ ବଜାର ସୁବିଧା ନାହିଁ। ଅନ୍ୟ ଉପାୟ ନ ଥିବାରୁ କଟକ, ଭୁବନେଶ୍ୱରର ବ୍ୟବସାୟୀଙ୍କୁ ତରବରିଆ ଭାବେ କମ୍ ଦରରେ ବିକ୍ରି କରି ଦେଉଛୁ। ଅନେକ ଚାଷୀ ରାସ୍ତାକଡ଼ରେ ବସି ମକା ବିକ୍ରି କରିବାକୁ ବାଧ ହେଉଛନ୍ତି।

-ରୋହିତ ପାତ୍ର, ମକାଚାଷୀ, ଆଲୁଅଝରଣ

### ସୁଲଭ ଦରରେ ବିହନ ଦିଆଯାଉ



"ସୁଇଟ୍ କର୍ନ ଚାଷରେ ସାଧାରଣ ମକାଠାରୁ ୨ ଗୁଣା ଅଧିକ ଲାଭ। କିନ୍ତୁ ରୋଗପୋକ ଉପଦ୍ରବ ଭୟ ସାଙ୍ଗକୁ ବିହନ ମୂଲ୍ୟ ମଧ ଅଧିକ। ତେଣୁ ଇଚ୍ଛା ଥିଲେ ବି ଚାଷୀ ସୁଇଟ୍ କର୍ନ ଚାଷ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ସୁଲଭ ମୂଲ୍ୟରେ ବିହନ ମିଳିଲେ ଆଲୁଅଝରଣ ମକା ଚାଷୀଙ୍କ ଗାଁ ଭାବେ ପରିଚିତ ହୋଇପାରନ୍ତା।

-ସାନୁଜ ପାତ୍ର, ମକାଚାଷୀ, ଆଲୁଅଝରଣ

### ମଣ୍ଡି ଖୋଲିବା ସମ୍ଭବ ନୁହେଁ



"ଚଳିତ ବର୍ଷ ବ୍ଲକର ପ୍ରାୟ ୫୦ ଏକର ଜମିରେ ମକା ଚାଷ ହୋଇଛି। ଚାଷୀମାନେ ବିଭାଗ ସହ ଯୋଗାଯୋଗ କଲେ ରିହାତି ଦରରେ ସାର, ଔଷଧ ଯୋଗାଇ ଦେବାର ବ୍ୟବସ୍ଥା ଅଛି। ବ୍ୟାପକ ମକା ଉତ୍ପାଦନ ହେଉ ନ ଥିବାରୁ ମଣ୍ଡି ଖୋଲିବା ସମ୍ଭବପର ହେଉନାହିଁ। ତେଣୁ ଚାଷୀ ଗୋଟା ହିସାବରେ ମକା ବିକ୍ରି କରୁଛନ୍ତି।

-ସନ୍ତୋଷ କୁମାର ତରାଇ,କାମାକ୍ଷାନଗର ସହକାରୀ କୃଷି ଅଧିକାରୀ

## ସଂକ୍ଷେପରେ

### ଅଜଗର ଶିକାର, ଶିକାରୀ ଗିରଫ



**ଢେଙ୍କାନାଳ ଅଫିସ, ୨୧।୯:** ଅଜଗର ଶିକାର ଅଭିଯୋଗରେ ଢେଙ୍କାନାଳ ସଦର ରେଞ୍ଜ୍ ଭାପୁର ସେକ୍ସନ ବନ କର୍ମଚାରୀମାନେ ମଙ୍ଗଳବାର ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଧଡ଼ିଆ ନାୟକ (୬୦)। ମୃତ ଅଜଗରର ଲମ୍ବ ପ୍ରାୟ ୧୨ ଫୁଟ ହେବ। ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ କାକୁଡ଼ିଭାଗ ବର୍ଷୁପାଳ ଅଞ୍ଚଳର ଏକ କାଜୁ ବଗିଚା ନିକଟରୁ ମୃତ ଅଜଗର ସହ ଶିକାରୀଙ୍କୁ ଗିରଫ କରାଯାଇଥିବା ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

### ଜିଲାରେ ୪୯ ସକ୍ରିୟ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୧।୯:** ଢେଙ୍କାନାଳ ଜିଲାରେ ଆକ୍ରାନ୍ତଙ୍କ ତୁଳନାରେ ଅଧିକ କରୋନା ରୋଗୀ ସୁସ୍ଥ ହେଉଛନ୍ତି। ଫଳରେ ଗତ କିଛିଦିନ ମଧ୍ୟରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟାରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି। ଜିଲାରେ ଏବେ ମାତ୍ର ୪୯ ଜଣ ସଂକ୍ରମିତ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୮ ଜଣ ସୁସ୍ଥ ହୋଇଛନ୍ତି। ମୃତ୍ୟୁସଂଖ୍ୟା ୨୪୨ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଯୁଦ୍ଧ ପାଇଁ ଭଙ୍ଗ ହେଉଛି ବିଶ୍ୱଶାନ୍ତି




**ଢେଙ୍କାନାଳ ଅଫିସ, ୨୧।୯:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫ୍ନୁନା କାର୍ଯ୍ୟାଳୟରେ ମଙ୍ଗଳବାର ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇଯାଇଛି। ଉଫ୍ନୁନାର ରାଜ୍ୟ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜଜ୍ ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଫଳରେ ବିଶ୍ୱଶାନ୍ତି ଭଙ୍ଗ ହେଉଛି। ଧର୍ମକୁ ନେଇ ବିଦ୍ୱେଷ ଭାବ ଏବଂ ସାମ୍ପ୍ରଦାୟିକ ଲଢ଼େଇରେ ନିରୀହଙ୍କ ଜୀବନ ଯାଉଛି। ଏହାକୁ ବନ୍ଦ କରିବା ଲାଗି ବିଶ୍ୱଭ୍ରାତୃତ୍ୱ ଉପରେ ଜୋର୍ ଦିଆଯିବା ଜରୁରୀ ବୋଲି ସେ ମତ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ କବିତା ଆବୃତି କରିଥିଲେ। ପ୍ରଫେସର ଦିଲୀପ ନନ୍ଦ, କ୍ଷୀରୋଦ ନାୟକ, ଡମ୍ବରୁଧର ପଣ୍ଡା, ସାମାଜିକ କର୍ମୀ ସରୋଜ ଶତପଥୀ, ବିପିନ ବିହାରୀ ବେହେରା, ଅଧାପିକା ମଞ୍ଜୁଶ୍ରୀ ମୁଖୀ, ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପରିଚାଳକ ପୀତବାସ ସାହୁ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୁକ୍ତ ଗିରଫ

**ଗଁଦିଆ, ୨୧।୯:** ଗଁଦିଆ ବ୍ଲକ ଯୋରନ୍ଦା ଫାଣ୍ଡି ପୋଲିସ ମଙ୍ଗଳବାର ଜଣେ ଚୋରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାତୁସାହିକାଟେଣିର ପଦ୍ମଲୋଚନ ମହାଳିକ (୨୪)। କାଲୁରିଆ ପଞ୍ଚାୟତ ମାଦେଳିଆ ଗ୍ରାମର ନଳିନୀକାନ୍ତ ନାଥଙ୍କ ଘରୁ ପୁରୁଣା ଟିଭି, ଗ୍ରାଇଣ୍ଡର ଚୋରି ହୋଇଥିଲା। ଏ ନେଇ ଗତ ଅଗଷ୍ଟ ୨୯ରେ ଗଁଦିଆ ଥାନାରେ ନଂ. ୨୨୨/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ଚୋରି ସାମଗ୍ରୀ ପୋଲିସ ଜବତ କରାଯାଇଥିବା ଫାଣ୍ଡି ଅଧିକାରୀ ପଙ୍କଜ କୁମାର ମାଝି ସୂଚନା ଦେଇଛନ୍ତି।

### ଗାଁ ମୁଖିଆଙ୍କ ପରଲୋକ

**ଗଁଦିଆ, ୨୧।୯:** ଗଁଦିଆ ବ୍ଲକ ବେଗା କରଡ଼ାବଣି ଗ୍ରାମ ମୁଖିଆ ତଥା ବରିଷ୍ଠ ସାମାଜିକର୍ମୀ ଦୁର୍ଯ୍ୟୋଧନ ଜଟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଅନ୍ତିମ ସମୟରେ ପୁତ୍ର, ବଧୂଙ୍କ ସମେତ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଶୁକଦେବ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆୟୁର୍ବେଦିକ ଚିକିତ୍ସାଳୟରେ ତାଲା

କାମାକ୍ଷାନଗର, ୨୧।୯(ଡି.ଏନ୍.ଏ)




- ୫ ବର୍ଷ ହେଲା ଆସୁନାହାନ୍ତି ଡାକ୍ତର, କର୍ମଚାରୀ
- ଭୁଶୁଡ଼ିବା ଆଶଙ୍କା ଜରାଜୀର୍ଣ୍ଣ ମେଡିକାଲ ଗୃହ
- ୧୦ ଲକ୍ଷ ଟଙ୍କାରେ ତିଆରି ହୋଇଛି ପାଚେରି

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କନ୍ତିଓପୁଟସାହିରେ ଥିବା ୬୭ ବର୍ଷ ପୁରାତନ ଆୟୁର୍ବେଦିକ ଚିକିତ୍ସାଳୟରେ ତାଲା ଝୁଲୁଛି। ନିଯୁକ୍ତି ପାଇଥିବା ଡାକ୍ତର ଏବଂ କର୍ମଚାରୀ ଆସୁ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ପରିଚାଳନା ଅଭାବରୁ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ଜରାଜୀର୍ଣ୍ଣ ହୋଇପଡ଼ିଥିବାବେଳେ କେତେବେଳେ ଭୁଶୁଡ଼ି ପଡ଼ିବ ତାହା କହିହେଉନାହିଁ। ଅନ୍ୟପଟେ କୋଠାର ପୁନରୁଦ୍ଧାର ଓ ଡାକ୍ତରଖାନାର ପରିଚାଳନା ପରିବର୍ତ୍ତେ ୧୦ ଲକ୍ଷ ଟଙ୍କା ବ୍ୟୟରେ ସୁରକ୍ଷା ପାଚେରି ନିର୍ମାଣ କରାଯିବା ଆଲୋଚନାର ବିଷୟ ହୋଇଛି।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ଲାଗି ଗ୍ରାମାଞ୍ଚଳରେ ଆରମ୍ଭ ହୋଇଥିଲା ଆୟୁର୍ବେଦିକ୍ ଚିକିତ୍ସା ସେବା। ତଦନୁଯାୟୀ କନ୍ତିଓପୁଟସାହି ପଞ୍ଚାୟତରେ ୧୯୫୪ ଏପ୍ରିଲ ୬ରେ ଆରମ୍ଭ ହୋଇଥିଲା ଏହି ସ୍ୱାସ୍ଥ୍ୟକେନ୍ଦ୍ର। ଏହା ଉପରେ କନ୍ତିଓପୁଟସାହି ସମେତ ଆଖପାଖର ୫ ପଞ୍ଚାୟତର ରୋଗୀ ନିର୍ଭର କରୁଥିଲେ। ନିୟମିତ ଡାକ୍ତର ରହୁଥିବାରୁ ଜରୁରୀ ସମୟରେ ଆବଶ୍ୟକ ପରାମର୍ଶ ମିଳୁଥିଲା। ହେଲେ ପ୍ରାୟ ୫ ବର୍ଷ ହେଲା ଏଠାକୁ ନା ଆସୁଛନ୍ତି ଡାକ୍ତର ନା କର୍ମଚାରୀ। ଠିକ୍ ପରିଚାଳନା ଅଭାବରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିତ୍ୟକ୍ତ ହୋଇପଡ଼ିଛି। ସ୍ଥାନୀୟ ସରପଞ୍ଚଙ୍କ କହିବା କଥା, ଡାକ୍ତରଖାନାରେ ଜଣେ ଡାକ୍ତର ଏବଂ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ଡାକ୍ତରଙ୍କ ରହିବା ପାଇଁ ସ୍ୱତନ୍ତ୍ର ଗୃହ ମଧ ରହିଛି। ହେଲେ କିଛି ବର୍ଷ ହେଲା କେହି ଆସୁନାହାନ୍ତି। ଡାକ୍ତରଖାନା ଜରାଜୀର୍ଣ୍ଣ ହୋଇପଡ଼ିଥିବାବେଳେ ବିଧାୟକଙ୍କ ବିକାଶ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରାଯିବାକୁ ନାପସନ୍ଦ କରିଛନ୍ତି ଗ୍ରାମବାସୀ। ଡାକ୍ତରଖାନା ପୁନଃକାର୍ଯ୍ୟକ୍ଷମ କରିବା ଲାଗି ସରପଞ୍ଚ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ବିଡିଓ ବିକାଶ କୁମାର ମହାନ୍ତି କୁହନ୍ତି, ଆୟୁର୍ବେଦିକ ଡାକ୍ତରଖାନା ପରିଚାଳନା ଲାଗି ସ୍ୱତନ୍ତ୍ର ବିଭାଗ ରହିଛି। ତଥାପି କିଏ ନିଯୁକ୍ତି ହୋଇଛନ୍ତି ବା କାହିଁକି ଆସିନାହାନ୍ତି, ସେ ସମ୍ପର୍କରେ ସମୀକ୍ଷା କରାଯିବ। ଲୋକଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ, ସେଦିଗରେ ପଦକ୍ଷେପ ନେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

# ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଉପରେ ଗୁରୁତ୍ୱ

ଢେଙ୍କାନାଳ ଅଫିସ, ୨୧।୯

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମଙ୍ଗଳବାର କାମାକ୍ଷାନଗର ବ୍ଲକ ଆଳତୁମା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। 'ମୋ ସ୍କୁଲ ଅଭିଯାନ'ରେ ଅନ୍ତର୍ଭୁକ୍ତ ସ୍କୁଲର ବିକାଶ, ଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବା, କାର୍ଯ୍ୟକାରୀ କରାଯାଇଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଏମ୍‌ପି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହ କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ଶାରୀରିକ ଶିକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ସାହୁ ବିଦ୍ୟାଳୟର ବିବରଣୀ ପ୍ରଦାନ କରିବା ସହ ଶ୍ରେଣୀଗୃହଗୁଡ଼ିକୁ ମରାମତି କରିବା ଲାଗି ଦାବି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ କାମାକ୍ଷାନଗର ପ୍ରତିନିଧି ହଟକିଶୋର ଗଡ଼ନାୟକ, ଶିକ୍ଷକ ସନାତନ ପଟ୍ଟନାୟକ, ଶିକ୍ଷୟିତ୍ରୀ ସଙ୍ଗୀତା ମହାନ୍ତି, ଗୀତାଞ୍ଜଳି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କଳାବ୍ୟାଜ୍ ପିନ୍ଧିଲେ ଓକିଲ



ଆଇନଜୀବୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୧।୯

ଢେଙ୍କାନାଳ ଜିଲା ଓକିଲ ସଂଘ ଏବଂ ପୋଲିସ ମଧ୍ୟରେ ଚାଲିଥିବା ବିବାଦ ପୁଣି ଥରେ ତେଜିଛି। ସଂଘ ପକ୍ଷରୁ କରାଯାଇଥିବା ୩ ଦାବି ପୂରଣରେ ପୋଲିସ ପ୍ରଶାସନ ବିଫଳ ହେବାରୁ ମଙ୍ଗଳବାର ସଂଘର ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଏଣିକି ଅନିର୍ଦ୍ଦିଷ୍ଟ କାଳ ଯାଏ ପ୍ରତି ଶୁକ୍ରବାର ଏବଂ ଶନିବାର କୋର୍ଟ କାର୍ଯ୍ୟ ବନ୍ଦ ରଖାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର କହିଛନ୍ତି, ଟାଉନ ଥାନା ପୋଲିସ ଅଧିକାରୀ ସଂଘ ସଦସ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ପ୍ରତିବାଦରେ ଗତ ଅଗଷ୍ଟ ୯ରୁ ଆରମ୍ଭ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ୩୧ ତାରିଖରେ ପ୍ରଶାସନ, ରାଜନେତାଙ୍କ ଅନୁରୋଧରେ ସ୍ଥଗିତ ରଖାଯାଇଥିଲା। ଦୁଇ ସପ୍ତାହ ମଧ୍ୟରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓକିଲ ସଂଘକୁ ପ୍ରତିଶ୍ରୁତି ଦିଆଯାଇଥିଲା। ନିକଟରେ ଜିଲାର ୩ ଥାନାଧିକାରୀଙ୍କୁ ବଦଳି କରାଯାଇଥିବାବେଳେ ଟାଉନ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଥାନା ପରିସରରୁ ପୋଲିସ ଗାଡ଼ି ଚୋରି ହୋଇଯିବା ଘଟଣାରେ ଥାନାଧିକାରୀଙ୍କୁ କୋହଳ ମନୋଭାବ ପୋଷଣ କରାଯାଉଛି। ଏହାକୁ ନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

# ପରିବେଶ କ୍ଷତିକରିବ ବାଲିଘାଟ

କାମାକ୍ଷାନଗର, ୨୧।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବ୍ରାହ୍ମଣୀ ନଦୀର ୫.୦୬ ହେକ୍ଟର ବିଶିଷ୍ଟ କନ୍ତିଓପୁଟସାହି ବାଲିଘାଟ ନିମନ୍ତେ ମଙ୍ଗଳବାର ପରିବେଶ ସମ୍ପର୍କିତ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଖ୍ୟାଧିକ ଗ୍ରାମବାସୀ ବିରୋଧ କରିଛନ୍ତି। ବାଲିଘାଟ ହେଲେ ଭାରିଯାନ ଚଳାଚଳ କରିବା ସାଙ୍ଗକୁ ଦୁର୍ଘଟଣା ବଢ଼ିବ। ଚାଷଜମି କ୍ଷତିଗ୍ରସ୍ତ ହେବା ସହ ପରିବେଶ ପ୍ରଭାବିତ ହେବ ବୋଲି ସେମାନେ କହିଥିଲେ। ଅନ୍ୟ କେତେଜଣ ବାଲିଘାଟ ଦ୍ୱାରା କର୍ମସଂସ୍ଥାନ ବଢ଼ିବ ବୋଲି ମତ ରଖିଥିଲେ। ଶିବିରରେ ଅଧକ୍ଷତା କରିଥିବା ଅତିରିକ୍ତ ଜିଲାପାଳ ଶଶାଙ୍କଶେଖର ମିଶ୍ର କୁହନ୍ତି, ଶାନ୍ତିଶୃଙ୍ଖଳାର ସହ ଜନଶୁଣାଣି ସରିଛି। ଗ୍ରାମବାସୀ ରଖିଥିବା ମତ ଭିଡିଓ କ୍ୟାମେରାରେ ରେକର୍ଡିଂ କରାଯାଇଛି। ସବିଶେଷ ତଥ୍ୟ ପରିବେଶ ବିଭାଗକୁ ପଠାଯିବ। ଚୂଡ଼ାନ୍ତ ନିଷ୍ପତ୍ତି ପରିବେଶ ବିଭାଗ ନେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସଞ୍ଜୟ କୁମାର ରାଉତ, ଡୁମୁସିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଆଶିଷ କୁମାର ଜେନା, ପରିବେଶ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ଜଣେ ଗ୍ରାମବାସୀ ମତ ରଖୁଛନ୍ତି।

# ବର୍ଷାରେ ୧,୨୩୦ ହେକ୍ଟର ଚାଷ ନଷ୍ଟ

ଗଁଦିଆ, ୨୧।୯

**ଗଁଦିଆ ବ୍ଲକ**

- ପାଣି କମିବା ପରେ ବଢ଼ିଛି ଦୁର୍ଦ୍ଦଶା
- କ୍ଷତିପୂରଣ ପ୍ରଦାନ କରିବାକୁ ଦାବି



ଚାଷଜମି ପାଣିରେ ବୁଡ଼ି ରହିଛି।

ଲଘୁଚାପ ବର୍ଷା ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଚାଷୀଙ୍କ ପାଇଁ ଆଣିଛି ଦୁଃଖ। ସ୍ୱଳ୍ପବର୍ଷା ଯୋଗୁ ପ୍ରଭାବିତ ହୋଇଥିବା ଫସଲକୁ ବଡ଼କଷ୍ଟରେ ବଞ୍ଚାଇ ରଖିଥିବା ଚାଷୀ ଏବେ ଅତିବର୍ଷାରେ ସହିଛନ୍ତି ବ୍ୟାପକ କ୍ଷତି। ଲଗାଣବର୍ଷାରେ ବ୍ଲକରେ ପ୍ରାୟ ୧ ହଜାର ୨୩୦ ହେକ୍ଟର ଜମିର ଫସଲ କ୍ଷତିଗ୍ରସ୍ତ ହୋଇଛି। ବର୍ଷକର ଫସଲ ହରାଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବାବେଳେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ଦାବି ତୀବ୍ର ହୋଇଛି।

ବ୍ଲକ କୃଷି ବିଭାଗ ଅଧିକାରୀ ରଶ୍ମିତା ବେହୁରା ସୂଚନା ଦେଇ କହିଛନ୍ତି, ଚଳିତ ଖରିଫ୍ ଋତୁରେ ମୋଟ ୧୫ ହଜାର ୩୩୦ ହେକ୍ଟର ଜମିରେ ଧାନ ଚାଷ ଯୋଜନା କରାଯାଇଥିଲା। କିନ୍ତୁ ଅନିୟମିତ ବୃଷ୍ଟିପାତ ଯୋଗୁ ୧୪ ହଜାର ୩୦୦ ହେକ୍ଟରରେ ଚାଷ ହୋଇଥିଲା। ସେପ୍ଟେମ୍ବର ମଧ୍ୟଭାଗରେ ହୋଇଥିବା ଲଘୁଚାପଜନିତ ଲଗାଣବର୍ଷାରେ ୨ହଜାର ୪୯୨ ହେକ୍ଟର ଜମିରେ ପାଣି ମାଡ଼ିଯାଇଛି। ପ୍ରାୟ ୧ ହଜାର ୨୩୦ ହେକ୍ଟର ଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି।

ଚାଷୀଙ୍କ କହିବା କଥା, ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଆର୍ଥିକ ମେରୁଦଣ୍ଡ ଦୋହଲାଇଦେଇଛି। ବର୍ଷା ଅଭାବରୁ ଜୁନ୍ ଦ୍ୱିତୀୟ ସପ୍ତାହରୁ ଧାନଚାଷ ଆରମ୍ଭ ହୋଇଥିଲା। ତଳିଆ ଅଞ୍ଚଳରେ ଚାଷୀ ବର୍ଷା ଆଶାରେ ଶେଷ ସମୟରେ ତଳି ରୋଇଥିଲେ। ଉକ୍ତ ଧାନ ଗଛ ଏବେ ପାଣି ଘେରରେ। ସେହିପରି ପାଣି ଅଭାବରୁ ଧାନ ଚାଷ ଉଜୁଡ଼ିବା ପରେ କ୍ଷତି ସହିଥିବା ଚାଷୀ ରବି ଫସଲକୁ ଆଶା ବାନ୍ଧିଥିଲେ। ହେଲେ ଏବେ ଜମିର ପାଗ ଦେଖିଲେ ସେହି ଆଶା ଟିକକ ମଧ ମଉଳିଯିବାକୁ ବସିଛି। ଲଗାଣ ବର୍ଷାରେ କରମୂଳ, ବାଇଁସିଆ, ମନ୍ଦାର, ଦିଗମ୍ବରପୁର, କାଶୀପୁର ଖଣ୍ଡବନ୍ଧ, ପିଙ୍ଗୁଆ, ଦଶମାଣପାଟଣା ଏବଂ ସୀମାନ୍ତ ସଦର ବ୍ଲକର ସାଙ୍କୁଲେଇ, ତରଭା, ଚାଉଳିଆ, ବଣସିଂ, ରାଧାଦେଇପୁର ପଞ୍ଚାୟତରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଲଙ୍କା, ବାଇଗଣ, ଭେଣ୍ଡି, ପୋଟଳ, କଲରା, ଝୁଡୁଙ୍ଗ, ସଜନା, କଦଳୀ, ଅମୃତଭଣ୍ଡା ଭଳି ଅଣଧାନ ଫସଲ ପାଣିଘେରରେ ରହିଛି। ମୂଳରେ ପାଣି ଜମି ରହିବା ପରେ ଲତା ଜାତୀୟ ପନିପରିବା ଗଛ ମରିବାକୁ ବସିଲାଣି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ସହ ରବି ଚାଷ ପାଇଁ ନିଃଶୁଳ୍କ ସାର, ବିହନ, କୀଟନାଶକ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

